# ଖେମୁଣ୍ଡି ଓକିଲ ସଂଘର ବିକ୍ଷୋଭ



ଦିଗପହଣ୍ଡି,୧୧।୭(ସମିସ): ବାଲେଶ୍ୱର ଓକିଲ ସଂଘର ବରିଷ୍ଠ ସଦସ୍ୟ ପୁରୁଷୋତ୍ତମ ଦାସଙ୍କୁ ଜଣେ ପ୍ରୋବେସନ ଆଇଏଏସ ଅଫିସରଙ୍କ ଧମକପୂର୍ଣ୍ଣ ଦୁର୍ବ୍ୟବହାର ଏବଂ ସହଦେବଖୁଣ୍ଟା ପୁଲିସ ଥାନାର ଆଇଆଇସିଙ୍କ ବେଆଇନ ତଥା ଔଦ୍ଧତ୍ୟପୂର୍ଣ୍ଣ କାର୍ଯ୍ୟକଳାପ ପ୍ରତିବାଦରେ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁଙ୍କୁ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏଥିରେ ସଂଘର ସଭାପତି ହୃଦୟ ମେକାପଙ୍କ ସମେତ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁ, ଚନ୍ଦ୍ରଧ୍ୱଜ ସିଂହ, ହରପ୍ରସାଦ ରଥ, ନକୁଳ ପ୍ରଧାନ, ସୀମାଞ୍ଚଳ ପ୍ରଧାନ, ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ନାୟକ, ହେମନ୍ତ କୁମାର ପାଣିଗ୍ରାହୀ, ପରେଶ ଚନ୍ଦ୍ର ରଥ, ରାଜେନ୍ଦ୍ର କୁମାର ତ୍ରିପାଠୀ, ଟୁକୁନା ପ୍ରଧାନ, ରବିଚନ୍ଦ୍ର ଗୌଡ଼, ପ୍ରମୋଦ କୁମାର ପାଣିଗ୍ରାହୀ ପ୍ରମୁଖଙ୍କ ସହ ବହୁ ଆଇନଜୀବୀ ସାମିଲ ଥିଲେ।

# ଷ୍ଟେସନ ରୋଡରୁ ମୋବାଇଲ ଲୁଟ୍

ବ୍ରହ୍ମପୁର,୧୧।୭(ସମିସ): ବ୍ରହ୍ମପୁର ଷ୍ଟେସନ ରୋଡରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ବିଷ୍ଣୁ ବେହେରା(୪୭) କୌଣସି କାମରେ ଗତ ୬ତାରିଖ ଦିନ ଷ୍ଟେସନକୁ ଯାଇଥିଲେ। ସେଠାରୁ ଟିକେଟ କାଟି ଫେରିବା ସମୟରେ ସେ ଧରିଥିବା ମୋବାଇଲକୁ ଜଣେ ଦୁର୍ବୃତ୍ତ ଲୁଟ କରି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଏନେଇ ସେ ଗତ ୧୦ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରେଲୱେରେ ଚାକିରି ଦେବାକୁ କହି ଠକେଇ; ମାଷ୍ଟର ମାଇଣ୍ଡ ଗିରଫ

## ୨୭ ଆଶାୟୀଙ୍କ ଠାରୁ ଠକି ନେଇଛନ୍ତି ୩କୋଟି ୩୭ଲକ୍ଷ

ବ୍ରହ୍ମପୁର,୧୧।୭(ସମିସ)

ଏକାଧିକ ଚାକିରି ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କୁକୁଡାଖଣ୍ଡି ଗ୍ରାମ ଶାନ୍ତି ନଗରର ଏ.ବିଘ୍ନେଶ୍ୱର ରାଓ ଦୋରା(୫୦)। ନିଯୁକ୍ତି ପତ୍ର, ପୋଷ୍ଟିଂ ଚିଠି, ପୂର୍ବତଟ ରେଲୱେରେ ଗ୍ରୁପ୍-ସି (ଟିଟିଇ) ପଦବୀ ପାଇଁ ନିଯୁକ୍ତି ପତ୍ର ଭଳି ଜାଲ୍ ନଥିପତ୍ର ସମେତ ଅଭିଯୁକ୍ତଙ୍କ ମୋବାଇଲକୁ ଜବତ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି।

ବ୍ରହ୍ମପୁର ଏସପିଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର ଅନ୍ୟକିଛି ସାଙ୍ଗ ଚାକିରି ସନ୍ଧାନରେ ଥିଲେ। ୨୦୨୩ ମାର୍ଚ୍ଚ ୧୮ରେ କୃଷ୍ଣଚନ୍ଦ୍ର ତାଙ୍କ ବନ୍ଧୁମାନଙ୍କ ସହିତ ଦିଗପହଣ୍ଡି ବସଷ୍ଟାଣ୍ଡରେ ଏ. ବିଘ୍ନେଶ୍ୱର ରାଓ ଦୋରାଙ୍କୁ ଭେଟିଥିଲେ। ସମସ୍ତେ ଚାକିରି ସନ୍ଧାନରେ ରହିଥିବା କୃଷ୍ଣଚନ୍ଦ୍ର ଦୋରା ଅଭିଯୁକ୍ତ ଏ. ବିଘ୍ନେଶ୍ୱରଙ୍କୁ କହିଥିଲେ। ରେଳବିଭାଗର ଉଚ୍ଚ ଅଧିକାରୀମାନଙ୍କ ସହ ସୁସମ୍ପର୍କ ରହିଥିବା ବେଳେ ସମସ୍ତଙ୍କୁ ରେଲୱେରେ ଚାକିରି କରାଇଦେବେ ବୋଲି ବିଘ୍ନେଶ୍ୱର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର ଲେଖାଏଁ ଟଙ୍କା ଦେବାକୁ କହିଥିଲେ।



କିଛିଦିନ ପରେ ଅଭିଯୁକ୍ତ ଏ. ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇଗଲେ। ସେଠାରେ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ସମସ୍ତଙ୍କ ପରିଚୟ କରାଇଥିଲେ। ବସନ୍ତ ସିଂ ନିଜକୁ ରେଲୱେର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବରେ ପରିଚୟ ଦେଇଥିଲେ ଏବଂ ବିଭିନ୍ନ ବ୍ୟକ୍ତିଙ୍କ ଯୋଗଦାନ ପତ୍ର ଏବଂ ପୋଷ୍ଟିଂ ପତ୍ର ଦେଖାଇଥିଲେ। ପୂର୍ବତଟ ରେଲୱେ ମହାପ୍ରବନ୍ଧକ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଭିନ୍ନ ଭିନ୍ନ ଫଟୋ ଦେଖାଇଥିଲେ। ପରେ ସେ ବରମୁଣ୍ଡା ବସଷ୍ଟାଣ୍ଡରେ ଏ ବିଘ୍ନେଶ୍ୱରଙ୍କ ମାଧ୍ୟମରେ ୫ଜଣ ଚାକିରି ଆଶାୟୀଙ୍କ ଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ୫ଜଣ ଆଶାୟୀ ମୋଟ ୬୨ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ଟଙ୍କା ଗ୍ରହଣ କରିବା ପରେ ଡାକ ମାଧ୍ୟମରେ ନିଯୁକ୍ତି ପତ୍ର ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବଂ ଡାକ୍ତରୀ ପରୀକ୍ଷା ପରେ ତାଲିମ ପାଇଁ କୋଲକାତା ନିଆଯିବ ବୋଲି ଆଶାୟୀଙ୍କୁ କହିଥିଲେ। ପରେ କୃଷ୍ଣ ଓ ତାଙ୍କ ବନ୍ଧୁମାନେ ଟ୍ରେନ ଯୋଗେ ବିଘ୍ନେଶ୍ୱରଙ୍କ ସହିତ କୋଲକାତା ଯାଇଥିଲେ।




ବି.ଆର.ସିଂହ ହସ୍ପିଟାଲରେ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା, ପରେ କୃଷ୍ଣ ଓ ଅନ୍ୟମାନେ ନିଜନିଜ ଘରକୁ ଫେରିଥିଲେ। କିଛିଦିନ ପରେ କୃଷ୍ଣ ଏବଂ ଅନ୍ୟମାନେ ଡାକ ମାଧ୍ୟମରେ କଲ୍ ଲେଟର୍, ଡକ୍ୟୁମେଣ୍ଟ ଯାଞ୍ଚ ଅନୁମୋଦନ ଏବଂ ଡାକ୍ତରୀ ପରୀକ୍ଷା ଫଳାଫଳ ପାଇଥିଲେ। ଦୁଇ ସପ୍ତାହ ପରେ ସେମାନେ ଭିନ୍ନ ଭିନ୍ନ ତାରିଖରେ ଯୋଗଦାନ ପତ୍ର ଭଳି ବିଭିନ୍ନ ନକଲି ଚିଠି ପାଇଥିଲେ। ଅଭିଯୋଗକାରୀ ଏବଂ ଅନ୍ୟମାନେ ମେଲକୁ ନେଇ ସନ୍ଦେହ କରି ବସନ୍ତ ସିଂହ ଏବଂ ଶୁଭଲକ୍ଷ୍ମୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବପର ହୋଇନଥିଲା। ଚାକିରି ଆଶାୟୀ କୃଷ୍ଣ ମୁଖ୍ୟ କାର୍ପଟଦାର ବିଘ୍ନେଶ୍ୱରଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହେବାପରେ କୁକୁଡ଼ାଖଣ୍ଡି ସ୍ଥିତ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ ହେଁ ସେଠାରେ ତାଙ୍କୁ ପାଇନଥିଲେ। ପରେ କୃଷ୍ଣ ଓ ଅନ୍ୟ ୪ଯୁବକ କୋଲକାତା ଯାଇ ବସନ୍ତ ସିଂହଙ୍କୁ ଭେଟିଥିଲେ। ପରେ କୃଷ୍ଣ ଅନ୍ୟମାନେ ଚାକିରି ଆଶାରେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ କୃଷ୍ଣ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲାରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଏ. ବିଘ୍ନେଶ୍ୱର ରାଓ ଦୋରାଙ୍କୁ ଗିରଫ କରିଥିଲା। ଗିରଫ ବେଳେ ଅଭିଯୁକ୍ତ ବିଘ୍ନେଶ୍ୱର ବିଭିନ୍ନ ଜିଲ୍ଲାର ପ୍ରାୟ ୨୭ଜଣ ଯୁବକଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ପ୍ରତ୍ୟେକଙ୍କ ଠାରୁ ୧୨ଲକ୍ଷ ୫୦ହଜାର ଲେଖାଏଁ ମୋଟ ୩କୋଟି ୩୭ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିବା ଜଣାପଡିଛି। ବର୍ତ୍ତମାନ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଖୁବଶୀଘ୍ର ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

# ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଧମକ; ୩ ଠିକାଦାର ଗିରଫ

ପୁରୁଷୋତ୍ତମପୁର,୧୧।୭(ସମିସ): ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ଗୋବିନ୍ଦ ଡନସେନଙ୍କୁ ଅଫିସ୍ ଭିତରେ ପଶି ଗାଳିଗୁଲଜ ସହ ହତ୍ୟା ଧମକ ମାମଲାରେ ୩ ଜଣ ଠିକାଦାର ଗିରଫ ହୋଇଛନ୍ତି। ସେମାନେ ହେଲେ ନାରାୟଣ ମହାପାତ୍ର, ତାଙ୍କ ପୁଅ ଆଶିଷ କୁମାର ମହାପାତ୍ର ଓ ଦୀପକ କୁମାର ଗୌଡ଼। ଏହି ଠିକାଦାରମାନେ ପରିଷଦରେ କାମ କରି ବିଲ ପାଇନଥିଲେ। ଗତ ଏକ ବର୍ଷ ମଧ୍ୟରେ ସେମାନେ ନିଜନିଜ ବକେୟା ପ୍ରାପ୍ୟ ଲାଗି ବାରମ୍ବାର ଅଫିସକୁ ଦୌଡି ନିରାଶ ହେବାପରେ ଅତିଷ୍ଠ ହୋଇ ଗତ ୩୦ ତାରିଖରେ ନିର୍ବାହୀ ଅଧିକାରୀ ଅଫିସ୍‌ରେ ଡ୍ୟୁଟି କରୁଥିବା ବେଳେ ତିନିହେଁ ହଠାତ୍ ଧସେଇ ପଶିଥିଲେ। ବକେୟା ପ୍ରାପ୍ୟ କେବେ ମିଳିବ ନମିଳିଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ଏଥିନେଇ ଶ୍ରୀ ଡନସେନା ଜିଲ୍ଲାପାଳଙ୍କୁ ଜଣାଇବା ସହ ପୁରୁଷୋତ୍ତମପୁର ଥାନାରେ ଗତ ୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ରାଜେଶ କୁମାର ନାୟକ ଏସଆଇ କ୍ଷେତ୍ର ମୋହନ ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ପୁଲିସ ସିସି କ୍ୟାମେରା ଫୁଟେଜ୍ ଓ ଅଫିସ କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରି ଶୁକ୍ରବାର ଦିନ ତିନି ଠିକାଦାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତ ଅଧିକାରୀ କହିଛନ୍ତି।

# ଦରମା ପାଇନାହାନ୍ତି ମନରେଗା କର୍ମଚାରୀ

**● ସରକାର ଦୃଷ୍ଟି ଦେବାକୁ ଦାବି**

ଛତ୍ରପୁର,୧୧।୭(ସମିସ): ମନରେଗା ଯୋଜନା ପାଇଁ କାର୍ଯ୍ୟ କରୁଥିବା ଗଞ୍ଜାମ ଜିଲ୍ଲାର ପ୍ରାୟ ୨ଶହରୁ ଅଧିକ କର୍ମଚାରୀ ଗତ ଫେବୃଆରି ମାସରୁ ଦରମା ପାଇନାହାନ୍ତି। ଏଭଳି ଆହୁରି କିଛି କର୍ମଚାରୀ ଅଛନ୍ତି ଯେଉଁମାନେ ଡିସେମ୍ବର ମାସରୁ ଟଙ୍କା ପାଇନାହାନ୍ତି। ଏଥିରେ ୭ରୁ ୧୦ ହଜାର ଟଙ୍କା ବେତନ ପାଉଥିବା ଜିଆରଏସ୍‌ଙ୍କଠାରୁ ଆରମ୍ଭ କରି ଜିଲ୍ଲା ସଂଯୋଜକ ପର୍ଯ୍ୟନ୍ତ ରହିଛନ୍ତି। ଫଳରେ ଏହି ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ଆର୍ଥିକ ସ୍ଥିତି ଦୟନୀୟ ହୋଇପଡିଛି। କାହିଁକି ଓ କେଉଁ କାରଣରୁ ଦରମା ମିଳୁ ନାହିଁ କିଛି ସ୍ପଷ୍ଟ ହୋଇନି।ଏଭଳି ସ୍ଥିତିରେ ୫ରୁ ୭ ମାସ ହେଲା ଦରମା ପାଇନଥିବା କର୍ମଚାରୀଙ୍କ ଅବସ୍ଥା କିଭଳି ଥିବ, ତାହା ଅନୁମାନ କରାଯାଇପାରେ। ବର୍ତ୍ତମାନ ଏହି କର୍ମଚାରୀମାନେ ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏତେ ଲମ୍ବା ସମୟ ଧରି ବେତନ ନ ମିଳିବା ପ୍ରଥମ ବୋଲି କୁହାଯାଉଛି। ରାଜ୍ୟ ସରକାର ଓ ପଞ୍ଚାୟତିରାଜ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅଙ୍ଗନବାଡ଼ି କେନ୍ଦ୍ରରେ ଖାଇଲେ କାଉନ୍‌ସିଲର୍



ବେଲଗୁଣ୍ଠା,୧୧।୭(ସମିସ): ବେଲଗୁଣ୍ଠା ଶୁକ୍ରବାର ଏକ ନମ୍ବର୍ ୱାଡର୍‌ରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କାଉନସିଲର୍ ଭାସ୍କର ପାତ୍ର ଖାଦ୍ୟର ମାନ ପରଖିବା ପାଇଁ ପିଲାଙ୍କ ସହ ବସି ଭୋଜନ କରିଛନ୍ତି। ଆଜି କାଉନସିଲର୍ ଶ୍ରୀ ପାତ୍ର ଅଚାନକ୍ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ଶିଶୁମାନଙ୍କ ସହିତ ଗପସପ କରିବା ସହିତ ସେମାନଙ୍କ ସହିତ ବସି ଭାତ ଏବଂ ଅଣ୍ଡା ତରକାରୀ ଖାଇଥିଲେ। ଏହାସହ ଶିଶୁମାନଙ୍କ ସହିତ ପ୍ରତିଦିନର ଖାଦ୍ୟର ମାନ ବିଷୟରେ ଆଲୋଚନା କରିଥିଲେ। ଖାଦ୍ୟର ମାନ ଠିକଠାକ ଥିବା ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ ଓ ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ସେ ଅଙ୍ଗନବାଡ଼ି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ନିଜସ୍ୱ ଘର ଖଣ୍ଡେ ନଥିବା ନେଇ ସେ ଦୁଃଖ ପ୍ରକାଶ କରିଥିଲେ।

# ଗୋପାଳପୁର ବେଳାଭୂମିରେ ପର୍ଯ୍ୟଟନ ସଚିବ



ବ୍ରହ୍ମପୁର,୧୧।୭(ସମିସ): ଗୋପାଳପୁର ବେଳାଭୂମି ପରିଦର୍ଶନ କରିଛନ୍ତି ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂହ। ସେ ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଆଲୋଚନା କରିବା ସହ ଧାର୍ଯ୍ୟ ସମୟ ପୂର୍ବରୁ ବ୍ଲୁଫ୍ଲାଗ ବିଚ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ଉନ୍ନୟନ ମୂଳକ କାର୍ଯ୍ୟାରମ୍ଭ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ପ୍ରକାରେ ଶୁକ୍ରବାର ସକାଳେ ସଚିବ ବଳବନ୍ତ ସିଂହ ପ୍ରଥମେ ବେଳାଭୂମି ବୁଲି ଦେଖିଥିଲେ। ଆଡ଼ଭେନଚର ପାର୍କ ଓ ଗୋପାଳପୁର ଇକୋ ରିଟ୍ରିଟ୍ ପାର୍କ ବୁଲିବା ସହ ଏଠାରେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲୁ-ଫ୍ଲାଗ ବିଚ କାର୍ଯ୍ୟକାରିତା ସମ୍ପର୍କରେ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଖୁବଶୀଘ୍ର ଏହି କାର୍ଯ୍ୟ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏଥିସହ ଆଗାମୀ ପର୍ଯ୍ୟଟନ ଦିନ ଆରମ୍ଭ ପୂର୍ବରୁ ଏଠାରେ ଆବଶ୍ୟକୀୟ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ସମ୍ପର୍କରେ ସେ ଆଲୋଚନା କରିଥିଲେ। ସରକାର ଏଠାରେ ବିକାଶ କରିବାକୁ ନକ୍ସା ପ୍ରସ୍ତୁତ କରିଛନ୍ତି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ସଠିକ ସମୟରେ ଉନ୍ନୟନ କାର୍ଯ୍ୟଗୁଡ଼ିକ କିଭଳି ସରିବ ସେନେଇ ଅଧିକାରୀମାନେ ଗୁରୁତ୍ୱ ଦେଇଥିଲେ। ଏଥିସହ ସଚିବ ହୋଟେଲ ଶିଳ୍ପର ବିକାଶ ଓ ଦାୟିତ୍ୱ ସମ୍ପର୍କରେ ବିଭିନ୍ନ ହୋଟେଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ସଚିବଙ୍କ ଗସ୍ତ ବେଳେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଉପଜିଲ୍ଲାପାଳ ଧିନା ଦସ୍ତାଗୀର, ବିଇଡ଼ିଏ ସେକ୍ରେଟେରୀ ରମେଶ ହାଁସଦା, ଗୋପାଳପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ସେହିଭଳି ତପ୍ତପାଣୀ ଓ ନାରାୟଣୀ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ମଧ୍ୟ ସଚିବ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

● ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଆଲୋଚନା
● ଧାର୍ଯ୍ୟ ସମୟ ପୂର୍ବରୁ ବ୍ଲୁ-ଫ୍ଲାଗ୍ ବିଚ୍ କାର୍ଯ୍ୟ ଶେଷ ଲକ୍ଷ୍ୟ

# ଆକ୍ରମଣ ମାମଲାରେ ଦୁଇ ଭାଇ ଦୋଷୀ ସାବ୍ୟସ୍ତ

ଦିଗପହଣ୍ଡି,୧୧।୭(ସମିସ): ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ନୀଳିମା ଷଡ଼ଙ୍ଗୀ ଏକ ଆକ୍ରମଣ ଓ ଚୋରି ମାମଲାରେ ଅଭିଯୁକ୍ତ ଦୁଇଭାଇଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଦିଗପହଣ୍ଡି ବ୍ଲକ ଭିଷ୍ମଗିରି ଗ୍ରାମର ଏ. ତବତିଆ ଓ ଏ. ଜଗନ୍ନାଥ। ଆଇପିସିର ଦଫା ୩୨୩ରେ ୫ ଶହ ଟଙ୍କା ଏବଂ ଦଫା ୩୭୯ରେ ୧ହଜାର ଟଙ୍କା ଲେଖାଏଁ ଜରିମନା ଦେବାପାଇଁ ଦୁଇଭାଇଙ୍କୁ ନିର୍ଦ୍ଦେଶ ଦେବା ପରେ ଦୁହେଁ କୋର୍ଟରେ ଜରିମାନା ଦାଖଲ କରିଥିବା ଜଣାପଡିଛି। ଗତ ୩ ଡିସେମ୍ବର ୨୦୧୨ରେ ଅଭିଯୋଗକାରୀ ବିଶ୍ୱନାଥ ଗୌଡ ଓ ତାଙ୍କ ପୁଅ ବିଲରେ ଚାଷ କରୁଥିବାବେଳେ ଅଭିଯୁକ୍ତ ଦୁଇଭାଇ ତାଙ୍କୁ ମାଡ଼ମାରି ବିଶ୍ୱନାଥଙ୍କ ବଳଦ ଦୁଇଟିକୁ ନେଇଯାଇଥିଲେ। ସାକ୍ଷ୍ୟ ମାନଙ୍କ ବୟାନ ଓ ଅନ୍ୟ ପ୍ରମାଣ ଆଧାରରେ ମାଜିଷ୍ଟ୍ରେଟ ଅଭିଯୁକ୍ତ ଦୁଇଭାଇଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଅଭିଯୋଗକାରୀଙ୍କ ପକ୍ଷରୁ ସରକାରୀ ଓକିଲ ନକୁଳ ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ହତ୍ୟା ଉଦ୍ୟମ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୧।୭(ସମିସ): କେ.ନୂଆଗାଁ ଥାନା ନୂଆପଡା ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ସେଠାରେ ତାଙ୍କର ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ନୂଆପଡା ଗ୍ରାମ ସାନଦାଣ୍ଡ ସାହିର ଭାସ୍କର ସେଠୀ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗତ ମଙ୍ଗଳବାର ସନ୍ଧ୍ୟାରେ ଭାସ୍କର ସେହି ଗ୍ରାମର ଯୁବରାଜ ପେଣ୍ଠ ପ୍ରାଥମିକ ବିଦ୍ୟାଳୟ ସାହିର ସୁବ୍ରତ ସେଠୀଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ସୁବ୍ରତଙ୍କ ମୁଣ୍ଡକୁ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏହା ଦେଖି ସୁବ୍ରତଙ୍କ ସ୍ତ୍ରୀ ସୁଲୋଚନା ପାଟି କରିବାରୁ ଭାସ୍କର ତାଙ୍କ ମୁଣ୍ଡକୁ ମଧ୍ୟ ଲୁହା ଛଡ଼ରେ ପିଟି ଲହୁଲୁହାଣ କରିଥିଲେ। ଗୁରୁତର ଅବସ୍ଥାରେ ସୁବ୍ରତ ଓ ତାଙ୍କ ସ୍ତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବମକୋଇ ଗ୍ରାମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ସୁଲୋଚନା କେ. ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ଏମ୍‌କେସିଜି କର୍କଟ ସେବା କେନ୍ଦ୍ର ପରିଦର୍ଶନ କଲେ ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀ



ବ୍ରହ୍ମପୁର,୧୧।୭(ସମିସ): ପୂର୍ତ୍ତ ବିଭାଗ ପକ୍ଷରୁ କିଛି ମାସ ପୂର୍ବେ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀମାନେ ଜିଲ୍ଲାର ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟ ପରିଦର୍ଶନ ନିମନ୍ତେ ଆସିଛନ୍ତି। ମୋଟ ୪୭ଜଣ ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀ ଶୁକ୍ରବାର ଦୁଇଟି ସ୍ୱତନ୍ତ୍ର ବସରେ ବ୍ରହ୍ମପୁର ପହଞ୍ଚିଥିଲେ। ଏମକେସିଜି ମେଡ଼ିକାଲ ପରିସରରେ ଥିବା ନିର୍ମାଣାଧୀନ ୧୦୦ଶର୍ଯ୍ୟା ବିଶିଷ୍ଟ କର୍କଟ ସେବା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଉକ୍ତ କୋଠାରେ ନିର୍ମାଣ ପ୍ରଣାଳୀ ସମେତ କେଉଁ କାର୍ଯ୍ୟ କିଭଳି ଭାବରେ ହୋଇଛି, ଓ ନିର୍ମାଣର ବିଭିନ୍ନ ଦିଗକୁ ନେଇ ପ୍ରଶିକ୍ଷଣ ନେବେ। ଏହି ସମୟରେ ପୂର୍ତ୍ତ ବିଭାଗ ଦକ୍ଷିଣାଞ୍ଚଳ ମୁଖ୍ୟ ଯନ୍ତ୍ରୀ ଇଂ. ନିହାର ରଞ୍ଜନ ବେହେରା, ଅଧୀକ୍ଷଣ ଯନ୍ତ୍ରୀ(ପୂର୍ତ୍ତ ବିଭାଗ-୧) ଇଂ. ସୋମନାଥ ତ୍ରିପାଠୀଙ୍କ ସମେତ ସହକାରୀ ନିର୍ବାହି ଯନ୍ତ୍ରୀ ଇଂ ତାପସ ଦାଶ ଓ ବରିଷ୍ଠ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ନବନିଯୁକ୍ତ କନିଷ୍ଠ ଯନ୍ତ୍ରୀମାନେ ଆଗାମୀ ୨୭ଦିନ ଧରି ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ରାୟ ଏକ ମାସ ଧରି ବହୁ କୋଠାର ନିର୍ମାଣ ଶୈଳୀ ଓ ପ୍ରଣାଳୀ ସମ୍ପର୍କରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ଠାରୁ ପ୍ରଶିକ୍ଷଣ ନେବେ ବୋଲି ଜଣାପଡ଼ିଛି।

## ତୃତୀୟ ପର୍ଯ୍ୟାୟ ସୁଦ୍ଧା ଯୁକ୍ତ ତିନିରେ ନାମ ଲେଖାଇଲେ ୧୩,୮୯୪ ଛାତ୍ରଛାତ୍ରୀ

# ଖାଲିପଡ଼ିଛି ବିଭିନ୍ନ ପାଠ୍ୟକ୍ରମର ୯ହଜାର ୫୦୬ ସିଟ୍

ବ୍ରହ୍ମପୁର,୧୧।୭(ସମିସ)

ଚଳିତ ଶିକ୍ଷା ବର୍ଷରେ ଗଞ୍ଜାମର ବିଭିନ୍ନ ସରକାରୀ ଓ ଘରୋଇ ମହାବିଦ୍ୟାଳୟରେ ଯୁକ୍ତତିନି ପାଠ୍ୟକ୍ରମ ନିମନ୍ତେ ନାମଲେଖା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ପାଠ୍ୟକ୍ରମରେ ରହିଥିବା ସିଟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଚୟଚ ହୋଇଥିବା ଛାତ୍ରଛାତ୍ରୀ ନିଜ ନିଜ ମହାବିଦ୍ୟାଳୟରେ ନାମ ଖେଲାଇ ସାରିଛନ୍ତି। କିନ୍ତୁ ଏହା ପରେ ମଧ୍ୟ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଥିବା ବହୁ ପାଠ୍ୟକ୍ରମରେ ଶତାଧିକ ସିଟ ଖାଲି ପଡ଼ିଥିବା ଜଣାପଡ଼ିଛି। ଜିଲ୍ଲାର ମୋଟ ୬୮ଟି ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ରହିଛି। ଉକ୍ତ ମହାବିଦ୍ୟାଳୟ ଗୁଡ଼ିକରେ କଳା ପାଠ୍ୟକ୍ରମରେ ମୋଟ ୧୩ହଜାର ୬୪ଟି ସିଟ୍ ରହିଛି। ସେଥିମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ୮ହଜାର ୧୨୦ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୪ହଜାର ୯୪୪ଟି ସିଟ ବର୍ତ୍ତମାନ ମଧ୍ୟ ଖାଲି ପଡ଼ିଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମରେ ମୋଟି ୬ହଜାର ୮୪୮ଟି ସିଟରେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଅବଶିଷ୍ଟ ୨ହଜାର ୬୦୨ଟି ସିଟ ଖାଲି ପଡ଼ିଛି। ସେହିଭଳି ଭାବେ ବାଣିଜ୍ୟରେ ମୋଟ ୩ହଜାର ୧୬୮ଟି ସିଟ ରହିଥିବା ବେଳେ ସେଥି ମଧ୍ୟରୁ ୧୩୯୬ଟି ସିଟରେ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। କିନ୍ତୁ ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଥିବାବେଳେ ବାଣିଜ୍ୟ ପାଠ୍ୟକ୍ରମରେ ୧୭୭୨ଟି ସିଟ୍ ତଥା ଅଧିକାଂଶ ସିଟ ଖାଲି ପଡ଼ିଛି।

**ଆଜି ପ୍ରକାଶ ପାଇବ ସ୍ଲଟ୍ ତାଲିକା।**

ତେବେ ଚଳିତବର୍ଷ ବାଣିଜ୍ୟ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଛାତ୍ରଛାତ୍ର ନାପସନ୍ଦ କରିଛନ୍ତି। ସେହିପରି ସେଲ୍ଫ ଫାଇନାସ କୋର୍ସ ନିମନ୍ତେ ୬୪ଟି ସିଟ୍ ରହିଛି। ସେଥିମଧ୍ୟରୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୫୭ଜଣ ନାମ ଲେଖାଇଥିବା ବେଳେ ମାତ୍ର ୭ଟି ସିଟ ଖାଲି ପଡ଼ିଛି। ଏହା ସହ ସଂସ୍କୃତ ପାଠ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨୫୬ଟି ସିଟ ରହିଥିବା ବେଳେ ୭୫ଟି ସିଟରେ ନାମ ଲେଖାଇଛନ୍ତି। ଅବଶିଷ୍ଟ ୧୮୧ଟି ସିଟ ଖାଲି ରହିଛି। ଅନ୍ୟପକ୍ଷରେ ଶନିବାର ସାମ୍ସ ପକ୍ଷରୁ ସ୍ଲୋଟ୍ ଲିଷ୍ଟ ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ସିଟରେ ନିଜ ନାମ ଲେଖାଇବେ। ଏହା ପରେ ମଧ୍ୟ ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ପାଠ୍ୟକ୍ରମରେ ଶତାଧିକ ସିଟ ଖାଲିପଡ଼ିବା ଆଶା ଉଦ୍ଭବୀତ ହୋଇଛି।

# ପୂର୍ବତନ ପୋଷ୍ଟ ମାଷ୍ଟରଙ୍କ ପରଲୋକ

ପାତ୍ରପୁର,୧୧।୭(ସମିସ): ପାତ୍ରପୁର ବ୍ଲକ ଖରଣୀପଡ଼ା ପଞ୍ଚାୟତ ଗୋଠଗାଁ ଗ୍ରାମର ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଗାଣ୍ଡୁ ପାଢ଼ୀଙ୍କ ୭୫ ବର୍ଷ ବୟସରେ ପରଲୋକ ଘଟିଛି। ସେ ଯୁବକ ସମୟରୁ ବିଭିନ୍ନ ସଂଗଠନ ସହିତ ଜଡ଼ିତ ଥିବାବେଳେ ପ୍ରଧାନ ସମାଜର ପୂର୍ବତନ କେନ୍ଦ୍ରୀୟ ଉପ ସଭାପତି ଓ ବର୍ତ୍ତମାନର ମନୋନୀତ ସଦସ୍ୟ ରହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଏକମାତ୍ର ଝିଅ, ଜ୍ୱାଇଁ, ନାତି ନାତୁଣୀ, ଭାଇ, ଭଉଣୀ, ଝିଆରୀ ପୁତୁରା ମାନେ ରହିଥିଲେ। ଶୁକ୍ରବାର ତାଙ୍କ ମର ଶରୀର ଗାଁକୁ ଆଣିବା ପରେ ଗ୍ରାମ ସ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

# କାଶୀନଗର-କିଡ଼ିଗାଁ ରାସ୍ତା ମାଡ଼ିବସିଲାଣି ବାଉଁଶ ବୁଦା

## ପଥଚାରୀଙ୍କୁ ବିପଦ; ପୂର୍ତ୍ତ ବିଭାଗର ନିଘାନାହିଁ

କାଶୀନଗର, ୧୧।୭ (ସମିସ)

ଗଜପତି ଜିଲ୍ଲା କାଶୀନଗର ଠାରୁ କିଡିଗାଁ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବର୍ତ୍ତମାନ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଶୀନଗର ସହରରୁ ମାତ୍ର ୧କିମି ଦୂରରେ ଥିବା ରାସ୍ତା ଉପରକୁ ବାଉଁଶ ବୁଦା ମାଡ଼ିଆସି ଅଧାରୁ ଅଧିକ ଅବରୋଧ କରିସାରିଲାଣି। ଏହି ରାସ୍ତା ଦେଇ ବିପଦପୂର୍ଣ୍ଣ ଭାବେ ଯାନବାହନ ଚଳାଚଳ କରୁଛି। ରାସ୍ତା ଉପରକୁ ବାଉଁଶ ଗଛ ମାଡ଼ିଆସିଥିବାରୁ ସାମ୍ନା ପଟରୁ ଆସୁଥିବା ଯାନବାହାନ ଦେଖାଯାଉ ନାହିଁ। ଫଳରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଥିବା



ଗାଡ଼ି ଚାଳକମାନେ କହିଛନ୍ତି। କିଛି ବଡ଼ ଅଘଟଣ ଘଟିଲେ ଏଥି ପ୍ରତି ଦାୟୀ କିଏ ହେବେ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଉକ୍ତ ରାସ୍ତା ପୂର୍ତ୍ତ ବିଭାଗର ହୋଇଥିବା ବେଳେ ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ବିଭାଗ ପକ୍ଷରୁ ରାସ୍ତା କଡ଼ର ଗଛଲତା କାଟିବା ବ୍ୟବସ୍ଥା ରହିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଉକ୍ତ ବିଭାଗୀୟ ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ ଦୃଷ୍ଟି ଏହି ସମସ୍ୟା ପ୍ରତି ପଡୁନାହିଁ।

କାଶୀନଗର ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଜଣକ ବଦଳି ହୋଇଯାଇଛନ୍ତି କିନ୍ତୁ ସେ ରିଲିଭ ହୋଇନାହାନ୍ତି। ସେ କିମ୍ବା ଉଚ୍ଚ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରୁନଥିବାରୁ ରାସ୍ତାର ଏପରି ଦୁରବସ୍ଥା। ସେମାନଙ୍କ ସହଯୋଗୀ କିଛି ଠିକାଦାରଙ୍କୁ କାମ ଦେଇ ରାସ୍ତା କଡର ଗଛଲତା ସଫା କରିବା ନାମରେ ଏକ ବଡ଼ ଧରଣର ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। କେବଳ ନାମକ ମାତ୍ରକୁ ଏଫ୍-୨ କାମ ଦେଖାଇ ଏହାର ପାଣ୍ଠି ଅର୍ଥ ହଡ଼ପ ହୋଇଥିବା ବେଳେ ରାସ୍ତା କିନ୍ତୁ ବିପଦପୂର୍ଣ୍ଣ ହୋଇପଡ଼ିଛି। ବଡ଼ ଅଘଟଣ ଘଟିବା ପୂର୍ବରୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଅର୍ଦ୍ଧନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରରେ ଜମୁଛି ଅସାମାଜିକଙ୍କ ଆଡ୍ଡା

**କାଶୀନଗର, ୧୧।୭ (ସମିସ):** ଗଜପତି ଜିଲ୍ଲାର ଏକମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର ହୋଇଥିବା ବେଳେ ଏହା ୧୩ ୱାର୍ଡକୁ ନେଇ ଗଠିତ। କାଶୀନଗର ସହରରେ ଉନ୍ନତ ଶିକ୍ଷା ପାଇଁ ପ୍ରାଥମିକ ବିଦ୍ୟାଳୟ ସମେତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଲେଜ ରହିଛି। ହେଲେ ଏଠାରେ ଶିଶୁଙ୍କ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର କୋଠା ନଥିବା ଯୋଗୁଁ ଭଡ଼ା ଘର ମାନଙ୍କରେ ଚାଲିଛି। କିଛି ମାସ ପୂର୍ବେ ଉକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର ୧, ୨, ୩, ୯ ଓ ୧୦ ନମ୍ବର ୱାର୍ଡରେ ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଏନ୍ଏସିକୁ ପାଣ୍ଠି ଆସିଥିଲା। ଉକ୍ତ ପାଣ୍ଠି ଦ୍ୱାରା ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ଗୃହ ନିର୍ମାଣ ଏବେ ଅଧପନ୍ତରିଆ ହୋଇ ରହିଛି। ଏନେଇ ପ୍ରଶ୍ନ ହେଲେ ଆସିଥିବା ପାଣ୍ଠିରେ ଯେତିକି କାମ ହେବା କଥା ସେତିକି ହୋଇଛି ବୋଲି କାମ ନେଇଥିବା ଠିକାଦାର କହିଛନ୍ତି। ହେଲେ ବର୍ତ୍ତମାନ କିନ୍ତୁ ଉକ୍ତ ଅଧାପନ୍ତରିଆ କୋଠା ଗୁଡ଼ିକ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଙ୍ଗନବାଡ଼ି ଗୃହ ଭଡ଼ା ଚଢ଼ା ଦରରେ



ଦିଆଯାଉଥିଲେ ମଧ୍ୟ ନିର୍ମାଣାଧୀନ ଗୃହ ସମ୍ପୂର୍ଣ୍ଣ କେବେ ହେବ ସେନେଇ କେହି ଦୃଷ୍ଟି ଦେଉନାହାନ୍ତି। ଏନ୍ଏସି ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ତିନି ମଦ୍ୟପ ଚାଳକଙ୍କ ବାଇକ୍ ଜବତ

**ଫିରିଙ୍ଗିଆ, ୧୧।୭ (ସମିସ):** ଫିରିଙ୍ଗିଆ ଥାନା ତରଫରୁ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ ଚାଲିଥିବା ସମୟରେ ତିନି ମଦ୍ୟପ ବାଇକ ଚାଳକଙ୍କ ବାଇକ ଜବତ କରିବା ସହ ମୋଟା ଅଙ୍କରେ ଫାଇନ୍ କାଟିଛି ପୁଲିସ। ଆଜି ଫିରିଙ୍ଗିଆ ବଜାରରେ ପୁଲିସ ଗାଡ଼ି ଯାଞ୍ଚ କରୁଥିବା ବେଳେ ଦ୍ରୁତ ଗତିରେ ଯାଉଥିବା ତିନି ମଦ୍ୟପ ଗାଡ଼ି ଚାଳକଙ୍କୁ ଅଟକାଇ ବାଇକ୍ ଜବତ କରିବା ସହ ମୋଟା ଅଙ୍କରେ ଫାଇନ୍ କାଟିଛି। ଏନେଇ ଫିରିଙ୍ଗିଆ ଥାନାରେ ମାମଲା ମଧ୍ୟ ରୁଜୁ କରିଛି। ସେମାନଙ୍କ ଡ୍ରିଏଲ ନଥିବା ଓ ମଦ୍ୟପାନ କରି ଚଳାଇବାକୁ ନେଇ ମାମଲା ରୁଜୁ କରିଛି ପୁଲିସ।

## ବିଷକ୍ରିୟାରେ ଶିଶୁ ମୃତ୍ୟୁ; ଥାନାରେ ଏତଲା

**ଟିକାବାଲି, ୧୧।୭ (ସମିସ):** ଟିକାବାଲି ଥାନା ବୁର୍ବିନାୟୁ ପଞ୍ଚାୟତ ସର୍ତ୍ତଗୁଡା ଗାଁରେ ଏକ ଦେଢ଼ ବର୍ଷ ଶିଶୁର ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଛି। ଗ୍ରାମର ଗୁଡ଼ଲି ଦିଗାଲଙ୍କ ଦେଢ଼ ବର୍ଷର ଶିଶୁ ପୁତ୍ରକୁ ଖାଦ୍ୟ ଖୁଆଇବା ପରେ ଖଟରେ ଶୁଆଇ ଥିଲେ ମା'। କିଛି ସମୟ ପରେ ଫେରି ଶିଶୁ ପୁତ୍ରର ପାଟିରୁ ଫେଣ ବାହାରୁଥିବା ଦେଖିଥିଲେ। ତୁରନ୍ତ ଗୁଡଲି ଶିଶୁ ପୁତ୍ରକୁ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ପରେ ଗୁଡ଼ଲି ଟିକାବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## କାର୍ ସହ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ

**ତୁମୁଡିବନ୍ଧ, ୧୧।୭ (ସମିସ):** କାର୍ ସହ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି ପୁଲିସ। ବାଲିଗୁଡାରୁ ଏକ କାରରେ ୨ଜଣ ଯୁବକ ଗଞ୍ଜେଇ ଭର୍ତ୍ତି କରି ମୁନିଗୁଡା ଅଭିମୁଖେ ଯାଉଥିଲେ। ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା ସୂଚନା ପାଇ ଥାନାର ସହକର୍ମୀ ଓ କେନ୍ଦ୍ରୀୟ ସୁରକ୍ଷା ବଳ ସହ ତୁମୁଡିବନ୍ଧ ଥାନା ଅଞ୍ଚଳର କାଳିଶାପଦର ଛକରେ ନାକାବନ୍ଦି କରିଥିଲେ। ଦୂରରୁ ପୁଲିସକୁ ଦେଖି ୨ଜଣ ଚାଲାଣକାରୀ ଖସି ପଳାଇବାକୁ ଚେଷ୍ଟା କରି କାର୍‌କୁ ଦ୍ରୁତ ଗତିରେ ଚଳାଇବାକୁ ଯାଇ ପୁଲିସ ଗାଡିକୁ ସାମ୍ନା ପଟରୁ ଧକ୍କା ଦେଇଥିଲେ। ଧକ୍କା ଦେବାପରେ କାର୍‌ରୁ ବାହାରି ଦୌଡ଼ି ପଳାଇଥିଲେ। ସେମାନେ ଛାଡି ଯାଇଥିବା କାର୍‌ରୁ ଦେଢ଼ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି।

## ଅବସରପ୍ରାପ୍ତ ସିଆରପିଏଫ୍ ଯବାନଙ୍କୁ ସମ୍ବର୍ଦ୍ଧନା




**ଜି.ଉଦୟଗିରି, ୧୧।୭ (ସମିସ):** ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ ଅବସରପ୍ରାପ୍ତ ସିଆରପିଏଫ୍ ଯବାନ ବିକ୍ରମ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ମିତ୍ରକା ନାୟକ, ଅଜିତ ନାୟକ, ଜିତେନ୍ଦ୍ର ନାୟକ, ଆମଶ ନାୟକ, ରାଜୁ ନାୟକ, ସମାଜସେବୀ ହୃଷୀକେଶ ପ୍ରଧାନଙ୍କ ସମେତ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଏହି ଅବସରରେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ବିକ୍ରମ ନାୟକ ୧୯୮୫ ମସିହାରେ ସିଆରପିଏଫରେ ଯୋଗ ଦେଇଥିଲେ। ଅବସର ଗ୍ରହଣ କରି ଗ୍ରାମକୁ ଫେରିବା ପରେ ରଟିଙ୍ଗିଆ ଗାସ୍ତିମାହା ଛକ ଠାରୁ ଇନ୍ଦ୍ରଗଡ଼ ଗ୍ରାମ ପର୍ଯ୍ୟନ୍ତ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ପାଛୋଟି ନିଆଯାଇଥିଲା। ଜିପିଏଲଏଫର ସଦସ୍ୟା ନାମିନି ନାୟକ, ବ୍ଲେସି ପ୍ରଧାନ ଓ ଅନୁପମା ପ୍ରଧାନ ତାଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

# ନିଶା ନିବାରଣ ସଚେତନତା କରାଇଲେ ଏସ୍‌ଡିପିଓ

**ବାଲିଗୁଡ଼ା, ୧୧।୭ (ସମିସ):** ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟରେ ଏକ ନିଶା ନିବାରଣ ପାଠ ପଢ଼ାଇଲେ ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ। ବାଲିଗୁଡ଼ା ଅଞ୍ଚଳରେ ଡ୍ରଗ୍ସ ଓ ଗଞ୍ଜେଇ ନିଶା ସେବନ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଏହାର ଅଧିକାଂଶ ଶିକାର ହେଉଛନ୍ତି ଯୁବପିଢି। ଏହାକୁ ଦୃଷ୍ଟିରେ ରଖି ବାଲିଗୁଡ଼ା ଏସ୍‌ଡିପିଓ ଶୁକ୍ରବାର ଆଦିବାସୀ ମହାବିଦ୍ୟାଳୟରେ ଏକ ନିଶା ନିବାରଣ ସଚେତନ କାର୍ଯ୍ୟକ୍ରମ କରିଥିଲେ। ଯୁବପିଢିଙ୍କୁ କିଭଳି ନିଶା ଠାରୁ ନିବୃତ୍ତ ରହି ନିଜ ଜୀବନର ଲକ୍ଷ୍ୟ ଉପରେ ଅଟଳ ରହିବ ବୁଝାଇଥିଲେ। ସେ କିଭଳି ନିଜର ଆଇପିଏସ୍ କ୍ୟାରିୟର ଗଢିଥିଲେ ତାହା ଜଣାଇବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ନିଶା ନିବାରଣ ଉପରେ ହୋଇଥିବା ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ ପାଳ, ଅଧ୍ୟାପକ ସରୋଜ କୁମାର ପାଠି, ତେଜେଶ୍ୱର ନାୟକ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଡ ସୁଶାନ୍ତ କୁମାର ଦାସ ପରିଚାଳନା କରିଥିଲେ।




# ବୁଥ୍ ଅଧିକାରୀଙ୍କ ତାଲିମ ଉଦ୍‌ଯାପିତ



**ପାରଳାଖେମୁଣ୍ଡି, ୧୧।୭ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ଜାତୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଡେପୁଟି କଲେକ୍ଟର କାଶ୍ୟପି ବେହେରା ଓ ମିତାଳି ମଧୁସ୍ମିତା ପାଢ଼ୀ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଆଜିର ଏହି ଷଷ୍ଠ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନାଓପାରଳାଖେମୁଣ୍ଡିନିର୍ବାଚନମଣ୍ଡଳୀର୧୦୦ଜଣବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥ ସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଷଷ୍ଠ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ଶିକ୍ଷକ ରାଜୁ ମଲିକ, ସିଆରସିସି ନରେଶ ପ୍ରଧାନ, ଜିପିଓ ନରସିଂହ ଚନ୍ଦ୍ର ମିଶ୍ର, ସିଆରସିସି ରଜନୀକାନ୍ତ ସାହୁକାର ରହିଥିବା ବେଳେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଶିକ୍ଷକ ୟା. ଶିବ କୁମାର, ସିଆରସିସି ଏମ.ଉମାପତି ଏବଂ ରଶ୍ମିତା ସାମଲ ଓ ପି.ଭେଙ୍କଟେଶ୍ୱରଲୁ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ସନ୍ଦିପନୀ ଆଶ୍ରମରେ ଗୁରୁପର୍ଣ୍ଣିମା



**ରାୟଗଡ଼, ୧୧।୭ (ସମିସ):** ରାୟଗଡ଼ ବ୍ଲକ ଅଧିନ ଖମ୍ବାରୀସାହିସ୍ଥିତ ସନ୍ଦିପନୀ ଆଶ୍ରମରେ ପ୍ରତିବର୍ଷ ଭଳି ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ଆଶ୍ରମ ସଭାପତି କୃଷ୍ଣଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ସ୍ୱାମୀ ଭାସ୍କର ତୀର୍ଥ ଲକ୍ଷ୍ମୀବାବା ଯୋଗ ଦେଇ ଗୁରୁପୂର୍ଣ୍ଣିମା ବିଷୟରେ ଆଲୋକପାତ କରିଥିଲେ। ଋଷିପୁତ୍ର ଋଷିକନ୍ୟା ବାବାଙ୍କ ପାଦ ପୂଜନ କରିବା ପରେ ଗୁରୁ ଦକ୍ଷିଣା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶାନ୍ତି ଯଜ୍ଞ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଦାଶରଥି ଗମାଙ୍ଗୋ, କୋଷାଧ୍ୟକ୍ଷ ଶ୍ରୀଧର ଭାଇ, ଭୈରବ ଚନ୍ଦ୍ର ମଣ୍ଡଳ, ହରିଶ୍ଚନ୍ଦ୍ର ଭୂୟାଁ ଯୋଗ ଦେଇଥିଲେ।

# ଭଙ୍ଗା ହାତର ପ୍ଲାଷ୍ଟର ପାଇଁ ଲାଞ୍ଚ ଆଦାୟ ଅଭିଯୋଗ

**ଜି.ଉଦୟଗିରି, ୧୧।୭ (ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତ ଡୁଗୁଡ଼ିପାରି ଗ୍ରାମର ମନୋଜ ପ୍ରଧାନଙ୍କ ପୁଅ ବାପୁନ ଖେଳୁଥିବା ସମୟରେ ପଡ଼ି ଯାଇଥିଲେ ଏବଂ ତାଙ୍କର ହାତ ଭାଙ୍ଗି ଯାଇଥିଲା। ସେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପୁଅକୁ ନେଇଯାଇଥିଲେ। ସେଠାରେ ତାଙ୍କର ହାତକୁ ଏକ୍ସରେ କରିବା ନିମନ୍ତେ ମେସିନ ଥିଲେ ମଧ୍ୟ ତାଙ୍କୁ ବାହାରକୁ ବେସରକାରୀ କ୍ଲିନିକ୍‌ରେ ଏକ୍ସରେ କରିବା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ କହିଥିଲେ। ଶେଷରେ ବାଧ ହୋଇ ସେ ଟଙ୍କା ଦେଇ ବାହାରେ ଏକ୍ସରେ କରିଥିଲେ। ଡାକ୍ତର ଲେଖିଥିବା ଔଷଧ ଓ ହାତରେ ଲଗାଇବା ନିମନ୍ତେ ପ୍ଲାଷ୍ଟର ଅଫ ପ୍ୟାରିସ ମଧ୍ୟ ବାହାର କ୍ଲିନିକ୍‌ରୁ ଟଙ୍କା ଦେଇ କିଣିବା ନିମନ୍ତେ କହିଥିଲେ। ପୁଅର ଭାଙ୍ଗିଥିବା ହାତକୁ ପ୍ଲାଷ୍ଟର କରିବା ନିମନ୍ତେ ସେଠାରେ କାର୍ଯ୍ୟରତ ଥିବା ଦୁଇଜଣ କର୍ମଚାରୀ ୫୦୦ ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଛି। ଧାର ମାଗି କର୍ମଚାରୀଙ୍କୁ ଦେବା ପରେ ପୁଅର ଭାଙ୍ଗିଥିବା ହାତରେ ପ୍ଲାଷ୍ଟର କରାଯାଇଥିଲା ବୋଲି ମନୋଜ କହିଛନ୍ତି।

# ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା

**ପାରଳାଖେମୁଣ୍ଡି, ୧୧।୭ (ସମିସ):** ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଆସନ୍ତା ୨୫ରେ ପାଳନ ଉପଲକ୍ଷେ ଚଳିତବର୍ଷ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମହେନ୍ଦ୍ରଗିରି ପୌରପରିଷଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକର ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଆଜିର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ



ପ୍ରତିଯୋଗିତାରେ କନିଷ୍ଠ ବର୍ଗ ଆସନ୍ତା ୧୩ ଜୁଲାଇ ଓ ବରିଷ୍ଠ ବର୍ଗ ଆସନ୍ତା ୨୦ ଜୁଲାଇ ଅଂଶଗ୍ରହଣ କରିବେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତଥା ସେବା ନିବୃତ୍ତ ସରକାରୀ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ପ୍ରଫେସର ଡ଼.ଚାରୁପ୍ରଭା ନାୟକ, ଶ୍ୱେତା ପଟ୍ଟନାୟକ, ସାହିତ୍ୟିକ ବିଚିତ୍ରାନନ୍ଦ ବେବର୍ତ୍ତା, ଅଧ୍ୟାପିକା ଡ଼. କଲ୍ୟାଣୀ ମିଶ୍ର ଏବଂ ଡ଼.ଭାରତୀ ପାଣିଗ୍ରାହୀ, ଅଧ୍ୟକ୍ଷ ମନୋଜ ପଟ୍ଟନାୟକ, ଶିକ୍ଷକ ଶ୍ୟାମ ସୁନ୍ଦର ଗନ୍ତାୟତ, ସେବା ନିବୃତ୍ତ ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଢ଼ୀ ଏବଂ ଶଶି ଭୂଷଣ ପଟ୍ଟନାୟକ ବିଚାରକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ପ୍ରଧାନ ଶିକ୍ଷକ ଓ ବିଭାଗୀୟ କର୍ମଚାରୀ ମନୋଜ ଲିମା ସହଯୋଗ କରିଥିଲେ।

# ଏକକାଳୀନ ୩ ଶିଶୁପୁତ୍ର ଜନ୍ମଦେଲେ ରଞ୍ଜିତା

**ତୁମୁଡିବନ୍ଧ, ୧୧।୭ (ସମିସ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ପଞ୍ଚାୟତ କୁଟିଆ କନ୍ଧ ଅଧ୍ୟୁଷିତ ଅଞ୍ଚଳ। ଏବେ ବି ଏଠାରେ ଉତ୍ତମ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଅପହଞ୍ଚ। ମାତ୍ର ସେହି ପଞ୍ଚାୟତର ଜଣେ କୁଟିଆକନ୍ଧ ମହିଳା ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାଭାବିକ





ଭାବରେ ଏକକାଳୀନ ତିନିଟି ସନ୍ତାନ ପ୍ରସବ କରିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରସବ କରିଥିବା ମହିଳା ଜଣକ ହେଉଛନ୍ତି ଦେଓଗଡ଼ା ଗ୍ରାମର କଂସ ମାଝିଙ୍କ ପତ୍ନୀ ରଞ୍ଜିତା ମାଝି (୨୬)।

ପ୍ରକାଶ ଯେ, ଗତ ରବିବାର ଦିନ ପ୍ରସବ ବେଦନା ହେବାରୁ ରଞ୍ଜିତାଙ୍କୁ ସ୍ୱାମୀ କଂସ ସ୍ୱାସ୍ଥ୍ୟକେନ୍ଦ୍ର ଆଣିବାକୁ ଭ୍ରାମ୍ୟମାଣ ପ୍ରସବ ଯାନ ଚାଳକଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ଉକ୍ତ ଯାନ ଦୀର୍ଘଦିନ ହେବ ଖରାପ ଥିବାରୁ ଶେଷରେ ୧୦୮ ଆମ୍ବୁଲାନ୍ସ ଡାକି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରସନ୍ନ କୁମାର ସୁନା ଓ ନର୍ସ ସିନ୍ଧୁଲତା ଜାନି



ଚିକିତ୍ସା ଆରମ୍ଭ କରିଥିଲେ। ମହିଳାଙ୍କ ପ୍ରଥମ ସନ୍ତାନ ପ୍ରସବ ପରେ ଗର୍ଭରେ ଆଉ ୨ ସନ୍ତାନ ଥିବା ଜାଣି ସଙ୍ଗେ ସଙ୍ଗେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦିବ୍ୟଜ୍ୟୋତି କରଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ତାଙ୍କ ପରାମର୍ଶ କ୍ରମେ ଡା. ସୁନା ଓ ନର୍ସ ମହିଳାଙ୍କ ସୁରକ୍ଷିତ ପ୍ରସବ କରାଇଥିଲେ। ବର୍ତ୍ତମାନ ଉଭୟ ମା' ଓ ୩ ଶିଶୁ ସୁରକ୍ଷିତ ଥିବା ଡାକ୍ତର କହିଛନ୍ତି। ଅଧିକ ଚିକିତ୍ସା ପାଇଁ ମା' ଓ ୩ ଶିଶୁଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ରଞ୍ଜିତାଙ୍କ ୮ ବର୍ଷର ପୁଅ ଓ ୪ ବର୍ଷର ଝିଅ ଅଛନ୍ତି।

## ରାୟଗଡ଼ ବ୍ଲକ ସଦର ମହକୁମାରେ ପାନୀୟଜଳ ସମସ୍ୟା

# ବର୍ଷାଦିନରେ ମଧ୍ୟ ଦୁଇ ଦିନକୁ ଥରେ ଆସୁଛି ପାଣି

ରାୟଗଡ଼, ୧୧।୭ (ସମିସ)

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାରେ ବର୍ଷା ଦିନରେ ମଧ୍ୟ ପାନୀୟଜଳ ସମସ୍ୟା ପିଛା ଛାଡୁନି। କିଛିଦିନ ହେବ ଲଗାଣ ବର୍ଷା ଯୋଗୁଁ ଚାରିଆଡ଼ ଜଳମୟ ହୋଇଥିବା ବେଳେ ରାୟଗଡ଼ବାସୀଙ୍କ ପାନୀୟଜଳ ସମସ୍ୟାରେ ସୁଧାର ଆସିପାରିନାହିଁ। ବର୍ଷା ଦିନରେ ମଧ୍ୟ ଦୁଇ ଦିନକୁ ଥରେ ପାନୀୟ ଜଳ ଯୋଗାଣକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ରାୟଗଡ଼ ଗ୍ରାମର ଜନସଂଖ୍ୟା ୭ରୁ ୮ହଜାର। ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀରୁ ପାଇପ୍ ଯୋଗେ ପାଣି ଉଠାଇ ରାୟଗଡ଼ ଗ୍ରାମକୁ ଯୋଗାଇ ଦିଆଯାଉଛି। ପାଇପ୍‌ଲାଇନ ଯୋଗେ ଆସୁଥିବା ପାଣି ଉପରେ ହିଁ କେବଳ ଗ୍ରାମବାସୀ ନିର୍ଭର କରିଥାନ୍ତି। କିନ୍ତୁ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଜଳସ୍ତର ହ୍ରାସ ପାଇଥିଲା। ଏଥିଯୋଗୁଁ ଲୋକଙ୍କୁ ପାନୀୟଜଳ ଯୋଗାଣରେ ସମସ୍ୟା ଦେଖା ଦେଇଥିଲା। ଏହାର ପ୍ରତିକାର ଦୃଷ୍ଟିରୁ ପଞ୍ଚାୟତ ପ୍ରଶାସନ ଉକ୍ତ ନଦୀ ନିକଟରେ ଏକ ବନ୍ଧ ବାନ୍ଧି ପାଣି ଗଚ୍ଛିତ ରଖି ଦୁଇ ଦିନକୁ ଥରେ ପାନୀୟଜଳ ଯୋଗାଇ ଦେଉଥିଲେ। ହେଲେ ବର୍ତ୍ତମାନ ଲଗାଣ ବର୍ଷାରେ ନଦୀ, ନାଳ, ପୋଖରି ଆଦି ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ଦୁଇ ଦିନରେ ଥରେ ରାୟଗଡ଼କୁ ଜଳ ଯୋଗାଣ କରାଯାଉଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଏନେଇ ସହକାରୀ ଯନ୍ତ୍ରୀ ନାରାୟଣ ସେଠୀଙ୍କୁ ପଚାରିବାରୁ ଉକ୍ତ ସମସ୍ୟା ନେଇ ପଞ୍ଚାୟତ ପ୍ରତିନିଧି ଏବଂ ପିଇଓଙ୍କ ସହ ଆଲୋଚନା କରାଯାଇଛି। ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

### ଅଙ୍ଗନବାଡି କେନ୍ଦ୍ର ଓ କୋଠାକୁ ନେଇ ବିବାଦ

# ଉଭୟ ଗ୍ରାମବାସୀ ବିଡିଓଙ୍କୁ ଫେରାଦ

ଜଗନ୍ନାଥପ୍ରସାଦ,୧୧।୭(ସମିସ):



ଜଗନ୍ନାଥପ୍ରସାଦ ବ୍ଲକ ରାଉତି ପଞ୍ଚାୟତ ଚାରିକୋଣିଆ ଗ୍ରାମ ଗୌଡ଼ସାହି ୱାର୍ଡ '୬'ରେ ଥିବା ଅଙ୍ଗନବାଡି କେନ୍ଦ୍ରକୁ ନେଇ ଉଭୟ ପାଟଣା ସାହି ଓ ଗୌଡ଼ ସାହିରେ କିଛିଦିନ ହେବ ବାଦବିବାଦ ଲାଗି ରହିଛି। ଉଭୟ ଗ୍ରାମର ଶତାଧିକ ଗ୍ରାମବାସୀ ସ୍ଥାନୀୟ ବିଡ଼ିଓଙ୍କ ନିକଟକୁ ଅଭିଯୋଗ ପତ୍ର ଧରି ଯାଇ ଫେରାଦ ହୋଇଛନ୍ତି। ଗତ ଦୁଇଦିନ ପୂର୍ବେ ଗ୍ରାମବାସୀ ଉକ୍ତ ଅଙ୍ଗନବାଡି କେନ୍ଦ୍ରଟି ପାଟଣା ଗ୍ରାମରେ ନିର୍ମାଣ ଦାବି ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିବା ବେଳେ ଶୁକ୍ରବାର ଗୌଡ଼ସାହିର ଶତାଧିକ ଗ୍ରାମବାସୀଙ୍କ ସମେତ ୱାର୍ଡସଭ୍ୟା ଗୀତାଞ୍ଜଳି ପ୍ରଧାନ ନିଜସ୍ୱ ଗ୍ରାମରେ ନିର୍ମାଣ ଦାବି ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଉଭୟ ଗ୍ରାମବାସୀଙ୍କ ଉପସ୍ଥିତରେ ସ୍ଥାୟୀ ନିଷ୍ପତ୍ତି ହେବା ନେଇ ବିଡ଼ିଓଙ୍କ ମନ୍ତବ୍ୟ ଥିବା ବେଳେ ଗୌଡ଼ସାହି ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି।

ସୂଚନା ପ୍ରକାରେ ଉକ୍ତ ଅଙ୍ଗନବାଡି କେନ୍ଦ୍ରଟି ବିଗତ ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ ଚାରିକୋଣିଆ ଗୌଡ଼ସାହିରେ ଅସ୍ଥାୟୀ ଘରେ ଚାଲୁରହିଛି। ଗ୍ରାମବାସୀ ଚାନ୍ଦା କରି ମନ୍ଦିର ଜାଗାରେ ଟିଣ ଘର ତିଆରି କରିଥିଲେ। ସ୍ଥାୟୀ ପକ୍କା ଗୃହ ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନଙ୍କୁ ଅନୁରୋଧ କରିଥିଲେ। ଆର୍ଥିକ ବର୍ଷ ୨୫-୨୬ ଅନୁସାରେ ଜଗନ୍ନାଥପ୍ରସାଦ ମୌଜର ଚାରିକୋଣିଆ ଗ୍ରାମ ପ୍ଲଟ ନମ୍ବର ୨୦୯୨ ଓ ଖାତା ନମ୍ବର ୧୦୨୩ ଜାଗାରେ ବ୍ଲକ ପ୍ରଶାସନ ଯାଇ ଜାଗା ଚିହ୍ନଟ ସହ ପିଲର ପାଇଁ ଗାତ ଖୋଳା ଯାଇଛି। ତେବେ ତିନିଦିନ ହେବ କାହିଁକି ଅଙ୍ଗନବାଡି ଗୃହ କାମ ବନ୍ଦ ରହିଥିବା ଏବଂ ଉକ୍ତ କାମକୁ ତୁରନ୍ତ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ଜଗନ୍ନାଥପ୍ରସାଦ ବିଡିଓ ମନ୍ମଥ ନାଥ ମଲ୍ଲିକଙ୍କୁ ଭେଟି ଲିଖିତ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। କାରଣ ଏହି ଅଙ୍ଗନବାଡି କେନ୍ଦ୍ରରେ ୨୦ ଜଣ ଶିଶୁ ପାଠ ପଢୁଥିବା ବେଳେ ୧୮ ଜଣ ଶିଶୁ ଚାରିକୋଣିଆ ଗୌଡ଼ସାହିର ଓ ୨ଟି ଶିଶୁ ପାଟଣା ଗ୍ରାମର ଉଲ୍ଲେଖ ରହିଛି। ଏହି ଅଙ୍ଗନବାଡି କେନ୍ଦ୍ରଟି ଯଦି ପାଟଣା ସାହିକୁ ଚାଲି ଯାଏ, ତେବେ ଗୌଡ଼ସାହି ଠାରୁ ପାଖାପାଖି ୧କିମି ଦୂର ହେବ। ତେଣୁ ୧୮ ଜଣ ଶିଶୁ ଏତେ ଦୂର ଯିବା ଅସମ୍ଭବ। ଅପରପକ୍ଷେ ଆମେ ଗୌଡ଼ସାହି ଗ୍ରାମବାସୀ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱର୍ ହେବ ଏହି କେନ୍ଦ୍ରକୁ ଧାର କରଜ କରି ସହଯୋଗ କରିଛୁ। ତେଣୁ ସ୍ଥାନୀୟ ବିଧାୟକ ଓ ପ୍ରଶାସନ ଉକ୍ତ କେନ୍ଦ୍ରଟିକୁ ଚାରିକୋଣିଆ ଗୌଡ଼ସାହିରେ ତୁରନ୍ତ କାର୍ଯ୍ୟକାରୀ କରିବା ନେଇ ଗ୍ରାମର ସଭାପତି, ସମ୍ପାଦକ, କୋଷାଧକ୍ଷଙ୍କ ସମେତ ଶତାଧିକ ଗ୍ରାମବାସୀ ଗୁହାରି ଜଣାଇଛନ୍ତି।

---

● ହଇଜାରେ ମୃତ୍ୟୁ ପରେ ଚେତା ପଶିଲା

## ଖାଦ୍ୟ ଗୁଣବତ୍ତା ବିଭାଗ ଓ ଏନ୍‌ଏସିର ଚଢ଼ଉ



ଦିଗପହଣ୍ଡି,୧୦।୭(ସମିସ): ଦିଗପହଣ୍ଡି ବ୍ଲକର ଉସ୍ତପଲ୍ଲୀରେ ହଇଜା ଆକ୍ରାନ୍ତରେ ୨ ଜଣଙ୍କ ମୃତ୍ୟୁ ଅଭିଯୋଗ ପରେ ବିଭିନ୍ନ ହୋଟେଲ ଓ ରାସ୍ତାକଡ ଫାଷ୍ଟଫୁଡ୍ ମାନଙ୍କରେ ଖାଦ୍ୟର ମାନ ଯାଞ୍ଚ କରିବା ନେଇ ସ୍ୱାସ୍ଥ୍ୟ ପ୍ରଶାସନର ଚେତା ପଶିଛି। ଦିଗପହଣ୍ଡି ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ଉଠା ଦୋକାନୀ ଓ ହୋଟେଲ ଗୁଡିକରେ ଅପମିଶ୍ରିତ ତଥା ରଙ୍ଗ ବୋଳା ଖାଦ୍ୟ ବିକ୍ରି, ବିକ୍ରୟ ଅନୁମତି ନଥାଇ ବ୍ୟବସାୟ ଚଳାଉଥିବା ଏବଂ ଅନୁପଯୁକ୍ତ ପରିବେଶରେ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଏହି ଚଢ଼ଉ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ବେଆଇନ ଦେଶୀ ମଦ ଦୋକାନ ଗୁଡିକୁ ବନ୍ଦ କରି ଦିଆଯିବା ସହ ଖିଲାପକାରୀ କେତେକ ହୋଟେଲକୁ ମଧ ବନ୍ଦ କରି ଦିଆଯାଇଛି। ଚଢ଼ଉ ସମୟରେ ବେଆଇନ ଭାବେ ଅପମିଶ୍ରିତ ଖାଦ୍ୟ ଦ୍ରବ୍ୟ ବିକ୍ରି ଚଳାଇଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରୁ ପ୍ରାୟ ୩୫ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି। ଖାଦ୍ୟ ସାମଗ୍ରୀ ବିକ୍ରି ସମୟରେ ଲୋକଙ୍କୁ ସ୍ୱଚ୍ଛ ପରିବେଶରେ ଏବଂ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ହୋଟେଲ ମାଲିକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଚଢ଼ଉରେ ଖାଦ୍ୟ ସୁରକ୍ଷା ଓ ଗୁଣବତ୍ତା ବିଭାଗର ଯାଞ୍ଚ ଅଧିକାରୀ ଚିନ୍ମୟ ପାଢୀଙ୍କ ସମେତ ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, କର୍ମଚାରୀ ହରିକୃଷ୍ଣ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ, ସନ୍ତୋଷ କୁମାର ପାଢୀ, ସତ୍ୟନାରାୟଣ ଦାସ ପ୍ରମୁଖ ସାମିଲ ଥିଲେ।

## ଶିକ୍ଷକଙ୍କ ବଦଳି ବାତିଲ ଦାବି କଲେ ଗ୍ରାମବାସୀ



ଛତ୍ରପୁର,୧୧।୭(ସମିସ): ସ୍କୁଲ ଶିକ୍ଷକଙ୍କ ବଦଳି ବାତିଲ ନେଇ ଟାକିରିଆ ବ୍ରହ୍ମପୁର ଗ୍ରାମବାସୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯଦି ଶିକ୍ଷକଙ୍କ ବଦଳି ବାତିଲ ନହେବ ତେବେ ସ୍କୁଲରେ ତାଲା ଝୁଲିବ ବୋଲି ଚେତାବନୀ ଦିଆଯାଇଛି। କଣମଣା ପଞ୍ଚାୟତ ଅଧିନ ଟାକିରିଆ ବ୍ରହ୍ମପୁର ସ୍କୁଲର ଜେ.କୁର୍ମା ରାଓଙ୍କୁ ସୁନ୍ଦରପୁରର ସୁନ୍ଦରେଶ୍ୱର ସ୍କୁଲକୁ ବଦଳି ହୋଇଛି। ଜେ.କୁର୍ମା ଜଣେ ଭଲ ଶିକ୍ଷକ ତାଙ୍କ ପାଇଁ ବେସରକାରୀ ସ୍କୁଲର କିଛି ପିଲା ଚଳିତ ଶିକ୍ଷାବର୍ଷରେ ସେଠାରୁ ବାହାରି ଏହି ସ୍କୁଲରେ ପଢୁଛନ୍ତି। ଏବେ ଏହି ଶିକ୍ଷକଙ୍କ ବଦଳି ହୋଇଯାଇଥିବାରୁ ପିଲାଙ୍କ ପାଠ ପଢାରେ ବ୍ୟାଘାତ ହେବ। କିଛି ଅସାଧୁ ବ୍ୟକ୍ତିଙ୍କ ଚାପରେ ଏଠାରୁ ବଦଳି ଜାଣିଶୁଣି କରାଯାଇଛି ବୋଲି ଗ୍ରାମବାସୀ କହିବା ସହ ଏକ ସ୍ମାରକପତ୍ର ବ୍ଲକ ଶିକ୍ଷାଧିକାରୀ ସୁଜିତ କୁମାର ପାଢୀଙ୍କୁ ପ୍ରଦାନ କରିଥିଲେ। ଯଦି ବଦଳି ବାତି ନହେବେ ସ୍କୁଲରେ ତାଲା ଝୁଲିବ ନଚେତ ସ୍କୁଲର ସମସ୍ତ ପିଲାମାନେ ଏଠାରୁ ଟିସି ନେଇଯିବେ ବୋଲି ଚେତାବନୀ ଦେଇଥିଲେ। ବର୍ତ୍ତମାନ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରର୍ଯ୍ୟନ୍ତ ରହିଥିବା ବେଳେ ୮୬ ଜଣ ପିଲା ପାଠ ପଢୁଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯିବ ବୋଲି ବିଇଓ କହିଥିଲେ। ସୂଚନା ଥାଉକି ଛତ୍ରପୁର ବ୍ଲକର ୪ଜଣଙ୍କୁ ବଦଳି ହୋଇଛି । ସେଥିମଧ୍ୟରୁ ଜେ.କର୍ମା ରାଓଙ୍କ ନାମ ମଧ୍ୟ ରହିଛି। ଜେ.କୁର୍ମାଙ୍କ ସ୍ଥାନରେ ପୋଲସରାରୁ ସରସ୍ୱତି ପଣ୍ଡାଙ୍କୁ ଏହି ସ୍କୁଲକୁ ବଦଳି ହୋଇଛି।

## ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

ବେଲଗୁଣ୍ଠା,୧୧।୭(ସମିସ): ବେଲଗୁଣ୍ଠା ବ୍ଲକ ବୋରୀପଦର ସ୍ଥିତ ଶ୍ରୀ ଶାକମ୍ଭରୀ ବିଦ୍ୟାପୀଠରେ ବିଜୁଳି ଏବଂ ବଜ୍ରପାତ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ମୁନା ସାହୁ, ବୀରେନ୍ଦ୍ର ପ୍ରଧାନ, ପ୍ରତିମା ମହାପାତ୍ର, ବିନୀତା ପ୍ରଧାନ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ଜେନା ଧନ୍ୟବାଦ ଦେଇଥିଲେ।

## କ୍ରୀଡ଼ା ଉପକରଣ ଯୋଗାଣରେ ଦୁର୍ନୀତି; କ୍ରୀଡ଼ାବିତ୍ ନିରାଶ

ହୁମ୍ମା,୧୧।୭(ସମିସ): ଗଞ୍ଜାମ ବ୍ଲକକୁ ପ୍ରତ୍ୟେକ ବର୍ଷ ଆସୁଥିବା କ୍ରୀଡ଼ା ଉପକରଣ ନାଁରେ କୋଟି କୋଟି ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟରୁ ପ୍ରତି ପଞ୍ଚାୟତକୁ ଆସୁଥିବା କ୍ରୀଡ଼ା ସାମଗ୍ରୀ ପାଇଁ କୋଟି କୋଟି ଟଙ୍କା ବ୍ଲକରେ ଚଲୁ ହେଉଛି କି ପଞ୍ଚାୟତକୁ ଆସିବା ପରେ ଚଲୁ ହେଉଛି ଏହାରି ଉପରେ ଉଠିଛି ପ୍ରଶ୍ନ। ବ୍ଲକର ଏକ ପଞ୍ଚାୟତର ସରପଞ୍ଚ କହିଛନ୍ତି ଯେ କ୍ରୀଡ଼ା ଉପକରଣ ଟଙ୍କା ବିଲକୁଲ ପଞ୍ଚାୟତକୁ ଆସୁନାହିଁ। ବ୍ଲକରେ ହିଁ ଟଙ୍କା ଚଲୁ କରାଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପଞ୍ଚାୟତର ୱାର୍ଡ ସଭ୍ୟମାନଙ୍କ ଦସ୍ତଖତ କରି କ୍ରୀଡ଼ା ସାମଗ୍ରୀ ନେଇଥିବା ନେଇ ଅଧିକାରୀମାନେ ମନ୍ତବ୍ୟ ଦେଇଛନ୍ତି। କିନ୍ତୁ ଗାଁକୁ ସାମଗ୍ରୀ ପହଞ୍ଚି ପାରୁନାହିଁ। ପ୍ରଶାସନର ପ୍ରୋତ୍ସାହନର ଅଭାବ ଫଳରେ ଯୁବପିଢ଼ି କ୍ରୀଡ଼ା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ପୂର୍ବରୁ ପ୍ରତି ଗାଁମାନଙ୍କୁ ଭଲିବଲ,ଜାଲ, ଖୁଣ୍ଟ,କେରମ ବୋଡର୍,ବ୍ୟାଟ ମେଣ୍ଟନ ,କ୍ରିକେଟ ପାଇଁ ବ୍ୟାଟ,ବଲ, ୱିକେଟ ଭଳି ସାମଗ୍ରୀ ଆସୁଥିଲା। ଗାଁରେ ଖେଳ ପଡ଼ିଆଟିଏ ନଥିବା ସତ୍ତ୍ୱେ ଗ୍ରାମର ଯୁବକମାନେ ଗାଁ ନଈକୂଳ, କିଛି ପଡ଼ିଆ ଜମିକୁ ସଫାସୁତାରା କରି ନିଜ ଖେଳ ପଡ଼ିଆ ପ୍ରସ୍ତୁତ କରୁଥିଲେ। ଏମିତି ୧୫ଟି ପଞ୍ଚାୟତରେ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିମାନେ ମିଳିମିଶି କ୍ରୀଡ଼ା ନାଁରେ କୋଟି କୋଟି ଟଙ୍କା ଚଲୁ କରୁଥିବା ନେଇ ରମ୍ଭା ଅଞ୍ଚଳର ଜଣେ କ୍ରୀଡାପ୍ରେମୀ ଅଭିଯୋଗ କରିଛନ୍ତି। ଏନେଇ ବିଡିଓଙ୍କ ପଚାରିବାରୁ ସେ କହିଛନ୍ତି, ବ୍ଲକ ପକ୍ଷରୁ ସମସ୍ତ ପଞ୍ଚାୟତକୁ କ୍ରୀଡ଼ା ସାମଗ୍ରୀ ଟଙ୍କା ଦିଆଯାଇଛି। ହେଲେ ସରପଞ୍ଚ କିନ୍ତୁ ଏହାକୁ ମାନୁନାହାନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କଲେ ପ୍ରକୃତ ଘଟଣା ଜଣାପଡନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ନୂତନ ରାସନ କାର୍ଡ ବାଣ୍ଟିଲେ ବିଧାୟକ

ଛତ୍ରପୁର,୧୧।୭(ସମିସ): ଛତ୍ରପୁର ଏନଏସି ପକ୍ଷରୁ ନୂତନ ରାସନ କାର୍ଡ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ଛତ୍ରପୁର ଏନଏସି ର ୧୪ ନମ୍ବର ୱାର୍ଡ କାଉନସିଲର ଏମ. ଅରୁନ୍ଧତୀ ରେଡ୍ଡୀ, ୧ ନମ୍ବର ୱାର୍ଡ କାଉନସିଲର ଟି. ଗଣେଶ ରେଡ୍ଡୀ, ୨ ନମ୍ବର କାଉନ ସିଲର ଅମରେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ସଂଯୋଜନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଛତ୍ରପୁର ଏନଏସିର ୧୪୧ ଜଣଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।



## ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା

ରମ୍ଭା,୧୧।୭(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟ ସେବକ ସଂଘ ଗଞ୍ଜାମ ଖଣ୍ଡ ସଂଘ ଚାଳକ ଅମୂଲ୍ୟ କୁମାର ସେନାପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗୌରବ ଧ୍ୱଜ ତଥା ହିନ୍ଦୁ ସଂସ୍କୃତିର ପ୍ରତୀକ ବୋଲି ଅବିହିତ କରିଥିଲେ। ସଭାପତି ଏମ. ନରସିଂହ ସୁବୁଦ୍ଧି, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଉପଦେଷ୍ଟା ରାମଚନ୍ଦ୍ର ବଡତ୍ୟା ଓ ମୁଖ୍ୟବକ୍ତା ଗୁରୁଜୀ ଗୁଣାକର ତ୍ରିପାଠୀ ଉପସ୍ଥିତ ରହି ମହର୍ଷି ବ୍ୟାସଙ୍କ ଜୀବନ ଚରିତ ଉପରେ ଆଲୋକପାତ କରିଥିଲେ। ପ୍ରଧାନଚାର୍ଯ୍ୟ ଶ୍ରୀଧର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ସତ୍ୟନାରାୟଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗୁରୁମା ରୀନାମାନସିଂହ କୃତଜ୍ଞତା ଜ୍ଞାପନ କରିଥିଲେ।

## ବିଧାୟକଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି,୧୧।୭(ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ଗ୍ରାମରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀଙ୍କୁ ଏହି ଅବସରରେ ପୂଜନ କରାଯାଇଥିଲା। ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ପାଢ଼ୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଗୁରୁ ଶ୍ରୀ ପାଢ଼ୀଙ୍କୁ ପୂଜନ କରିବା ସହ ତାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲାଠୀ ସରପଞ୍ଚ ରାଧାମୋହନ ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ ଅଭିମନ୍ୟୁ ଦାସ, ପୁରୁଷୋତ୍ତମ ସେଠୀ, ସିଦ୍ଧାର୍ଥ ଶେଖର ପଣ୍ଡା, ଅଂଶୁମାନ ପଣ୍ଡା, ପୂର୍ବତନ ସମିତି ସଭ୍ୟ ଦେବରାଜ ଗୌଡ଼, ରାମକୃଷ୍ଣ ପଣ୍ଡା, ପୁଷ୍ପାଞ୍ଜଳି ମହାରଣାଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାହି ସମସ୍ୟା ନେଇ ଏକ ଦାବିପତ୍ର ବିଧାୟକଙ୍କୁ ଶ୍ରୀ ମହାପାତ୍ରଙ୍କୁ ବାଲିବାଡ଼ ସାହିବାସିନ୍ଦା ପ୍ରଦାନ କରିଥିଲେ।

## ଦିଗପହଣ୍ଡି ବିଧାୟକଙ୍କ ଗୁରୁପୂଜନ

ଦିଗପହଣ୍ଡି,୧୧।୭(ସମିସ): ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ଦିଗପହଣ୍ଡି ବିଧାୟକ



ଡ. ସିଦ୍ଧାନ୍ତ ମହାପାତ୍ର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଗୁରୁ ମାନଙ୍କ ବାସଭବନରେ ପହଞ୍ଚି ବନ୍ଦାପନା ଓ ପୂଜାର୍ଚ୍ଚନା କରିବା ସହ ସମ୍ମାନିତ କରିଛନ୍ତି। ବୋରିପଦର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦିଗପହଣ୍ଡିର ଗିରୀଶ ଚନ୍ଦ୍ର ମିଶ୍ର, ଭୀଷ୍ମଗିରି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଢୀ, ରାମଜୀ ମଠର ମହନ୍ତ ପଦ୍ମଲୋଚନ ଦାସ, ବମକୋଇ ଗ୍ରାମର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରହ୍ଲାଦ ନାଟକ ଗୁରୁ ସୀମାଞ୍ଚଳ ପାତ୍ର ଏବଂ ପଦ୍ମନାଭପୁର ଗ୍ରାମର ପଶୁମୁଖା କାରିଗର କଇରା ରେଡ୍ଡୀ ରହିଛନ୍ତି।

## ଶିଶୁ ମନ୍ଦିରରେ ଗୁରୁପୂର୍ଣ୍ଣିମା

ସୋରଡ଼ା,୧୧।୭(ସମିସ): ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚଳିତ ବର୍ଷର ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବୈଠକରେ ଭଗବାନ ଶ୍ରୀକୃଷ୍ଣଙ୍କ ବିଦ୍ୟାରମ୍ଭ ତଥାଦି ଉପସ୍ଥିତ ବକ୍ତାମାନେ ବୁଝାଇଥିଲେ। ଶିଶୁ ବିଦ୍ୟା ମନ୍ଦିର ପରିଚାଳନା କମିଟି ସଭ୍ୟ ମାନେ ଆୟୋଜନ କରିଥିବା ବେଳେ ଶିଶୁ ମନ୍ଦିରର କର୍ମଚାରୀ ଓ ବିଶ୍ୱହିନ୍ଦୁ ପରିଷଦର କର୍ମୀ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆରଏସଏସ ଜିଲ୍ଲା କାର୍ଯ୍ୟବହ ପ୍ରମୁଖ ସୀମାଞ୍ଚଳ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ପାଦକ ମହେଶ୍ୱର ସାହୁ, ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କୁ ପାଛୋଟି ନେଇଥିଲେ। ମଞ୍ଚାସିନ ପରେ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ।



---

# ସରକାର ବଦଳିବା ପରେ ରାଜନୈତିକ ଛକାପଞ୍ଝା; ଉନ୍ନୟନ କାର୍ଯ୍ୟ ଠପ୍

## ଆମ ସରକାର ଆମେ କରିବୁ; ନଚେତ୍ କରାଇ ଦେବୁନି

ଶେରଗଡ଼,୧୧।୭(ସମିସ)

ସରକାର ପରିବର୍ତ୍ତନର ପ୍ରଭାବରେ ବିକାଶ କାର୍ଯ୍ୟ ଏବେ ବାଧାପ୍ରାପ୍ତ ହେଉଛି। ରାଜନୈତିକ କ୍ଷମତା ହାତେଇଥିବା ବିଜେପି ଦଳର କର୍ମକର୍ତ୍ତାଙ୍କ ଭାବଭଙ୍ଗୀ ବଦଳିଯାଇଛି। ଏମାନେ କୌଣସି ମତେ ବିଜେଡିର କାମକୁ ଭଣ୍ଡୁର କରିବାକୁ ପ୍ରୟାସ କରୁଥିବା ବେଳେ ଅନୁରୂପ ଭାବେ ନିଜ ଅକ୍ତିଆରରେ ଥିବା ଅଞ୍ଚଳରେ ବିଜେଡି ନିଜ ଦବଦବା ଜାହିର କରୁଛି। ଏଭଳି ସ୍ଥଳେ ଲୋକଙ୍କ କାମ ହୋଇପାରୁନି। ସରକାରୀ ଟଙ୍କା ପଡ଼ି ରହୁଛି। ଯାହାକୁ ନେଇ ରାଜନୈତିକ ଅସ୍ଥିରତା ବାଦବିବାଦରେ ପରିଣତ ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗଡ଼ରେ ଏବେ ରାଜନୈତିକ ଛକାପଞ୍ଝା ଯୋଗୁ ବିକାଶ ଠପ ହୋଇଛି। ସରକାର ପରିବର୍ତ୍ତନ ପରେ ଶେରଗଡରେ ରାଜନୈତିକ ବିବାଦ ସହ ସମଗ୍ର ବ୍ଲକରେ ଛକାପଞ୍ଝା ଚାଲିଛି। ଆରୋପ ପ୍ରତ୍ୟାରୋପ ନେଇ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଜେପି କର୍ମକର୍ତ୍ତାଙ୍କ ମତ ଅନୁସାରେ ଆମ ଦଳ ସରକାର। ତେଣୁ ଯେତେବେଳେ ଯାହା କିଛି କାମ ହେବ ଆମ ସୁପାରିସରେ ହେବ। ଅନ୍ୟପଟେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ହେଉଛନ୍ତି ବିରୋଧୀ ଦଳର ନେତା, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅଧିକାଂଶ ପଞ୍ଚାୟତରେ ବିଜେଡିର ଜନ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି। ତେଣୁ ପ୍ରତ୍ୟେକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ହେବାକୁ ଅଧିକାରୀ ମାନଙ୍କ ଉପରେ ସେମାନେ ଚାପ ପ୍ରୟୋଗ କରୁଛନ୍ତି। ଗତ ସାଧାରଣ ନିର୍ବାଚନରେ ସରକାର ପରିବର୍ତ୍ତନ ପରଠାରୁ ଶେରଗଡରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଗ୍ରାମ ପଞ୍ଚାୟତରେ ଏହିଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଗତ ୯ ମାସରୁ ଅଧିକ ସମୟ ହେବ ସବୁ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇ ପଡିରହିଛି। ଦୁଇ ଦଳର ନେତା ଓ କର୍ମୀଙ୍କ ପ୍ରାଦୁର୍ଭାବ ଲାଗି ବାକିଥିବା ୫୦ପ୍ରତିଶତ କାର୍ଯ୍ୟ ମଧ ହୋଇପାରୁନି। ଏଭଳି ସ୍ଥିତିରେ ଶେରଗଡର ପ୍ରାୟ ଅଧିକାରୀ ହାତ ଟେକି ବସିଛନ୍ତି। କେବଳ ଯେତିକି ଟେଣ୍ଡର ପ୍ରକ୍ରିୟାରେ କାମ ଚାଲୁଛି, ସେଗୁଡିକୁ ଛାଡି ଦେଲେ ବାକି ସବୁ କାମ ପ୍ରାୟତଃ ବନ୍ଦ। ଶେରଗଡ ବ୍ଲକରେ ଥିବା କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ଏହାର ସୁଯୋଗ ନେଇ ନିଜର ସ୍ୱାର୍ଥ ହାସଲ କରୁଛନ୍ତି। ଶେରଗଡ ବ୍ଲକ ପଞ୍ଚଦଶ ଅର୍ଥ କମିଶନଙ୍କ ଅବଧି ୨୦୨୫ ମାର୍ଚ୍ଚ ମାସରେ ପୂରା ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଅର୍ଥ କମିଶନରଙ୍କ ଅନୁଦାନରୁ ମାତ୍ର ୬୦ ପ୍ରତିଶତ କାମ ହୋଇଥିବା ଜଣାପଡିଛି। ଶେରଗଡ ବ୍ଲକର ୨୨ଟି ପଞ୍ଚାୟତ ଲାଗି ଜନସଂଖ୍ୟା ହିସାବରେ ଅନୁଦାନ ମିଳିଥାଏ। ସେ ହିସାବରେ ବର୍ଷକୁ ୧୫ରୁ ୨୦ଲକ୍ଷ ଟଙ୍କା ଲେଖାଏଁ ଆସିଥାଏ। ବର୍ଷକୁ ୫କୋଟି ଟଙ୍କା ହିସାବରେ ଶେରଗଡ ବ୍ଲକର ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନର ମାତ୍ର ୬୦ପ୍ରତିଶତ କାର୍ଯ୍ୟ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡିଛି। ଗତବର୍ଷର ୪୦ପ୍ରତିଶତ କାର୍ଯ୍ୟ ହୋଇନଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷର କେତେ ଯେ ଅନୁଦାନ କାମ ନହୋଇ ପଡିରହିଛି ତାହା ବ୍ଲକ ପକ୍ଷରୁ ପ୍ରକାଶ କରାଯାଉନାହିଁ। ଅନ୍ୟପକ୍ଷରେ ବିଜେଡି ଅନୁରୂପ ଭାବେ ବିଜେପି ସରକାର ଆସିବାର ପାଖାପାଖି ଏକ ବର୍ଷ ଭିତରେ ବିଜେପି ବିଧାୟକ ପ୍ରାର୍ଥୀ ଓ ତାଙ୍କର କର୍ମୀମାନେ ଓ ଠିକାଦାର ଲାଗି ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଜେଡି ଅଭିଯୋଗ କରିଛି। ସମାନ ଢଙ୍ଗରେ ବିଜେଡି ପକ୍ଷରୁ ମଧ ସରକାରଙ୍କ ନୀତି ଉପରେ ଆଙ୍ଗୁଳି ଉଠେଇ ଶେରଗଡରେ ସରକାରୀ ଦଳ କୌଣସି ବିକାଶ ମୂଳକ କାର୍ଯ୍ୟ କରାଇ ଦେଉନଥିବା ଅଭିଯୋଗ ହେଉଛି। ତେବେ କାମ କିଏ କରିବ, ତାକୁ ନେଇ ବାଟରେ ଘାଟରେ ଚର୍ଚ୍ଚା ଜୋର ଧରିଛି। ଏଭଳି ସ୍ଥିତିରେ ପ୍ରଶାସନିକ ଅପାରଗତା ଲାଗି ଅଧିକାଂଶ କାର୍ଯ୍ୟ ହୋଇପାରୁନଥିବା ମଧ ଅଭିଯୋଗ ହେଉଛି। ଶେରଗଡ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଶେରଗଡ ଜନଜାଗରଣ ମଞ୍ଚ ଦାବି କରିଛନ୍ତି।

## ଜଗମୋହନ ହାଇସ୍କୁଲରେ ବନମହୋତ୍ସବ



ଧରାକୋଟ,୧୧।୭(ସମିସ): ଧରାକୋଟ ବ୍ଲକ୍ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଜଗମୋହନରେ ବନମହୋତ୍ସବ ପାଳିତ ହୋଇସାରିଛି। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗମୋହନ ଗ୍ରାମର ଅବସରପ୍ରାପ୍ତ ଶିକ୍ଷା ଅନୁନିରୀକ୍ଷକ ନୀଳାଚଳ ସାହୁ, ସମ୍ମାନୀତ ଅତିଥି ଭାବେ ଜଗମୋହନ ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ପ୍ରମୋଦ କୁମାର ମହାରଣା ଓ ଆସିକା ବନ ଉପଖଣ୍ଡର ବିଷ୍ଣୁପ୍ରିୟା ପ୍ରଧାନ ଯୋଗଦେଇଥିଲେ। ଅତିଥି ବୃନ୍ଦ ଛାତ୍ରଛାତ୍ରୀଙ୍କୁ ବୃକ୍ଷରୋପଣର ମହତ୍ୱ ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଘର ବାଡ଼ିରେ ଗୋଟିଏ ଲେଖାଏଁ ଗଛ ଲଗାଇ ଯତ୍ନ ନେବାକୁ ଉପଦେଶ ଦେଇଥିଲେ। ଏହା ସହ ସ୍କାଉଟ୍, ଜୁନିଅର ରେଡ୍ କ୍ରସ ଓ ଇକୋକ୍ଲବର ଛାତ୍ରଛାତ୍ରୀଙ୍କ ସହାୟତାରେ ଅତିଥି ବୃନ୍ଦ ବିଦ୍ୟାଳୟ ଖେଳ ପଡିଆ ଚାରିପାଖରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କାଉଟ୍ ମାଷ୍ଟର କାଳୁଚରଣ ସ୍ୱାଇଁ, ଜେଆରସି କାଉନସିଲର ଜଗବନ୍ଧୁ ଦଳାଇ, ଶିକ୍ଷକ ସନ୍ତୋଷ କୁମାର ସାହୁ ଓ ଶିକ୍ଷୟିତ୍ରୀ ବାଣିଶ୍ରୀ ଶତପଥୀ ପରିଚାଳନା କରିଥିଲେ। ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

